# ବଶିଷ୍ଠ ଓ ବିଶ୍ୱାମିତ୍ର

● ଅନନ୍ତ ପଟ୍ଟନାୟକ

**କବି ପରିଚୟ :**

କବି ଅନନ୍ତ ପଟ୍ଟନାୟକ (୧୯୧୨-୧୯୮୭) ଓଡ଼ିଆ ସାହିତ୍ୟର ପ୍ରଗତିଶୀଳ ଚିନ୍ତାଧାରାର ଜଣେ ବିଶିଷ୍ଟ କବି । 'ରକ୍ତଶିଖା', 'ଶାନ୍ତିଶିଖା', 'ତର୍ପଣ କରେ ଆଜି', 'ଅଲୋଡ଼ା ଲୋଡ଼ା', 'ଛାଇର ଛିଟା' ପ୍ରଭୃତି କବିତାଗ୍ରନ୍ଥ କବିଙ୍କ ସ୍ୱାତନ୍ତ୍ର୍ୟର ଏକ ଏକ ପରିପ୍ରକାଶ । ତାଙ୍କର କବି-ଦୃଷ୍ଟି ଅଧିକ ସମାଜ ସଚେତନ । ଶ୍ରେଣୀହୀନ ସମାଜ ପ୍ରତିଷ୍ଠା, ଅଶିକ୍ଷା-ଧର୍ମାନ୍ଧତା-ଅନ୍ଧବିଶ୍ୱାସ ଦୂରୀକରଣ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ ତାଙ୍କ ସାହିତ୍ୟର ଆଭିମୁଖ୍ୟ । କବିଙ୍କ ଅଧିକାଂଶ କବିତାରେ ନୂତନ ଯୁଗ ଓ ସମାଜ ପାଇଁ ସଶ୍ରଦ୍ଧ ଆହ୍ୱାନ ଦେଖିବାକୁ ମିଳେ । ମାନବବାଦୀ ଆବେଦନ ତାଙ୍କ କବିତାର ମୁଖ୍ୟ ସ୍ୱର ।

ଏହି କବିତାଟି ପୌରାଣିକ ଆଖ୍ୟାୟିକା ଉପରେ ଆଧାରିତ । ହିଂସା, କ୍ରୋଧ, ଅସହିଷ୍ଣୁତା ଉପରେ ସଦ୍‌ଭାବ, ପ୍ରେମ ଓ କ୍ଷମାର ବିଜୟ ଘୋଷଣା ଏହି କବିତାରେ କରାଯାଇଛି । ପାରସ୍ପରିକ ବୁଝାମଣା ଓ ସଂପ୍ରୀତି, ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ନିବିଡ଼ ସମ୍ବନ୍ଧ ସ୍ଥାପନ ଏହି କବିତାର ଅନ୍ତର୍ନିହିତ ବାର୍ତ୍ତା ।

---

ଶ୍ରାବଣର ବର୍ଷା ପଡ଼େ ଝରି
ଆଶ୍ରମର ତରୁ ତୃଣ ପରେ,
ଇଙ୍ଗୁଦୀର ଦୀପ ଉଠେ ଥରି
ମହର୍ଷିର ତିମିରିତ ଘରେ ।
ମୃଦୁ ଭାଷେ ସୂଚାଇଲେ ଆସି
ଋଷିପତ୍ନୀ ସତୀ ଅରୁନ୍ଧତୀ,
"ରନ୍ଧନ ଯେ କରିବି କିପରି
ଲବଣ ତ ନାହିଁ ମହାମତି ?"

ଉତ୍ତରିଲେ ମହର୍ଷି ବଶିଷ୍ଠ
ପ୍ରଶାନ୍ତିର ମଧୁମୟ ସୁରେ,
"ମାଗିଆଣ କିଞ୍ଚିତ ଲବଣ
ପାଶେ ଯାଇ ବିଶ୍ୱାମିତ୍ର ଘରେ ।"
ରୋଷେ ଦେବୀ ସ୍ଫୁରିତ ଅଧରେ
ଜଣାଇଲେ, "କାହିଁ ଯିବି କାହିଁ ?
ଗୋଟି ଗୋଟି ପୁତ୍ରଗଣ
ହତ୍ୟା କଲା ଯେଉଁ ଆତତାୟୀ !

ଜନନୀ ମୁଁ ଶୋକାତୁରା
ତା' ଆଶ୍ରମେ ଯିବି କେଉଁପରି ?
ଅଦ୍ଭୁତ ଏ ଆଦେଶ ମହର୍ଷି,
ଭାଗ୍ୟର ଏ ଉପହାସ ପରି ।"

"ଭାଗ୍ୟର ଏ ନୁହେଁ ଉପହାସ
ତା'ର ଧର୍ମେ କଲ୍ୟାଣ ମୁଁ ଚାହେଁ,
ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।"

"ଭଲ ପାଅ, ଭଲ ପାଅ ଯଦି
ଡାକିଥିଲେ ମହର୍ଷି ତାହାରେ,
ଜୀବନ ଏ ରକ୍ତେ ଅରୁଣିତ
ନୋହିଥାନ୍ତା ଆର୍ତ୍ତ ହାହାକାରେ ।"

"ମହର୍ଷି ମୁଁ ଡାକି ନାହିଁ ତାକୁ
ପ୍ରାଣେ ପ୍ରାଣେ ଭଲ ପାଏ ବୋଲି ।"
ଜଣାଇଲେ ସଧୀରେ ବଶିଷ୍ଠ
ଶ୍ମଶ୍ରୁ ତଳୁ ସ୍ମିତ ରେଖା ତୋଳି ।

"ଭଲ ପାଏ, ଭଲ ପାଏ ଯେଣୁ"
ମହର୍ଷିର ମୁଖେ ଥାଉଁ ବାଣୀ,
ବାତ୍ୟା କି କି ଶାଳବୃକ୍ଷ କାହୁଁ
ପଦପ୍ରାନ୍ତେ ପିଟିଦେଲା ଆଣି ।

ଅରୁନ୍ଧତୀ ପଡ଼ିଲେ ଚମକି
ନୀଡ଼େ ପକ୍ଷୀ ଉଠିଲେ ଚିତ୍କାରି,
ଇଙ୍ଗୁଦୀର ତୈଳଦୀପ ଶିଖା
ଅନ୍ଧକାର ନାଶିଲା ଫୁତ୍କାରି ।
କାହୁଁ ଏକ କୃତାନ୍ତ କୃପାଣ
ଲୋଟିଗଲା କୁଟୀର ଚତ୍ୱରେ,
ସ୍ପର୍ଶ କରି ମହର୍ଷିର ପଦ
ବିଶ୍ୱାମିତ୍ର ଅଶ୍ରୁ ଉଭରଳେ ।

ନିର୍ଝରର ରୁଦ୍ଧ ଘୋଷ ସମ
ଜଣାଇଲେ ଆବେଗ ଉଚ୍ଛ୍ୱାସ,
"କ୍ଷମାକର, କ୍ଷମାକର ମୋତେ
ନାଶ ମୋର ପାଶବ-ପ୍ରୟାସ ।

ଭଲ ପାଅ, ଭଲ ପାଅ ତୁମେ
ଭଲ ପାଅ ପୁତ୍ର ତହୁଁ ବଳି,
ନୁହଁ ତ ଏ ରତ ପରିହାସ
ଝିଙ୍ଗାସି ତ କହୁ ନାହଁ ଛଳି ?

ଶାଣିତ ଏ କରବାଳ କରେ
ଜାଣି ମୁଁ ଯେ ଆସିଥିଲି ଆଜି,
ଛିନ୍ନ କରି ମସ୍ତକ ତୁମର
ରଖିବାକୁ ଜୀବନର ବାଜି ।"

ବିଶ୍ୱାମିତ୍ରେ ଟେକି ଭୂମିତଳୁ
ସତେ ଅବା ଅମୃତ ବରଷି,
ସ୍ନେହଭରେ କହିଲେ ବଶିଷ୍ଠ,
"ଉଠ ଏବେ ଉଠ ହେ ମହର୍ଷି ।"

ଅରୁନ୍ଧତୀ ନେତ୍ରୁ ଅଜାଣତେ
ଶ୍ରାବଣର ବର୍ଷା ଗଲା ଝରି,
"ମହୀୟାନ୍ ଦେବତାରେ ଭଲା
ଜାଣିଥାନ୍ତି ମୁହିଁ କେଉଁପରି !"

**ସୂଚନା :**

ଇଙ୍ଗୁଦୀ - ଏକପ୍ରକାର ଗଛ, ଏହି ଗଛର ଫଳରୁ ତେଲ ବାହାର କରାଯାଏ । ଏହାର ତେଲ ମୁନିମାନେ ଜଟାରେ ବ୍ୟବହାର କରୁଥିବାରୁ ଏହାକୁ ତାପସ ତରୁ ମଧ୍ୟ କୁହାଯାଏ ।

କୃତାନ୍ତ - ଯମ

କୃପାଣ - ଖଡ୍‌ଗ

ଚତ୍ୱର - ଅଗଣା

ଋତ - ସତ୍ୟ

ଝିଙ୍କାସି - ଭର୍ତ୍ସନା କରି, ଧିକ୍କାର କରି

ଉତରଳ - (ଉତ୍-ତରଳ) ଅତି ଚଞ୍ଚଳ

ଆବେଗ - ହୃଦୟର ଭାବ

ଉଚ୍ଛ୍ୱାସ - (ଉତ୍-ଶ୍ୱସ୍-ଅ) ଶୋକହେତୁ ଦୀର୍ଘଶ୍ୱାସ

ପାଶବ-ପ୍ରୟାସ - ପଶୁତୁଲ୍ୟ ଚେଷ୍ଟା (ବିନା ବିଚାରରେ କରୁଥିବା ଭୁଲ)

ଆତତାୟୀ - ଆକ୍ରମଣକାରୀ, ହତ୍ୟା କରିବାକୁ ଉଦ୍ୟମ କରୁଥିବା ବ୍ୟକ୍ତି, ହତ୍ୟାକାରୀ

# ପ୍ରଶ୍ନାବଳୀ

## ସଂକ୍ଷିପ୍ତ ଉତ୍ତରମୂଳକ :

୧. ଅରୁନ୍ଧତୀ କାହାକୁ ଲକ୍ଷ୍ୟ କରି 'ଆତତାୟୀ' ବୋଲି କହିଛନ୍ତି ?

୨. ତାଙ୍କୁ 'ଆତତାୟୀ' ବୋଲି କହିବାର କାରଣ କ'ଣ ?

୩. ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କରି ନ ଥିଲେ କାହିଁକି ?

୪. ବଶିଷ୍ଠ ଓ ଅରୁନ୍ଧତୀ କଥାବାର୍ତ୍ତା ହେଉଥିବା ବେଳେ କି ଘଟଣା ଘଟିଲା ?

୫. ଅରୁନ୍ଧତୀ ଚମକି ପଡ଼ିଲେ କାହିଁକି ?

୬. ବିଶ୍ୱାମିତ୍ରଙ୍କ ମନରେ କାହିଁକି ଅନୁତାପ ଜାତ ହେଲା ?

୭. ବଶିଷ୍ଠଙ୍କ କଥାକୁ ବିଶ୍ୱାମିତ୍ର ଉତ-ପରିହାସ ବୋଲି ଭାବିଲେ କାହିଁକି ?

୮. ଅନୁତପ୍ତ ବିଶ୍ୱାମିତ୍ରଙ୍କୁ ଆଲିଙ୍ଗନ କରି ବଶିଷ୍ଠ କ'ଣ କହିଲେ ?

୯. ଶେଷରେ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ 'ମହର୍ଷି' ବୋଲି ସମ୍ବୋଧନ କଲେ କାହିଁକି ?

୧୦. ବଶିଷ୍ଠଙ୍କୁ ଅରୁନ୍ଧତୀ 'ମହୀୟାନ୍ ଦେବତା' ବୋଲି କହିବାର କାରଣ କ'ଣ ?

୧୧. ବିଶ୍ୱାମିତ୍ରଙ୍କ ଘରକୁ ଲୁଣ ମାଗି ଯିବାକୁ ଅରୁନ୍ଧତୀ ଆପତ୍ତି କରିଥିଲେ କାହିଁକି ?

୧୨. ବଶିଷ୍ଠଙ୍କ ଆଗରେ କିଛି କହିବା ବେଳେ ବିଶ୍ୱାମିତ୍ରଙ୍କ ଆଖିରୁ ଲୁହ ଝରିଯାଉଥିଲା କାହିଁକି ?

୧୩. "ନାଶ ମୋର ପାଶବ-ପ୍ରୟାସ" – କିଏ କାହାକୁ ଏ କଥା କହିଥିଲେ ?

୧୪. କେଉଁ କଥାକୁ ଏଠାରେ ପାଶବ-ପ୍ରୟାସ ବୋଲି କୁହାଯାଇଛି ?

## ସପ୍ରସଙ୍ଗ ସରଳାର୍ଥ ଲେଖ :

୧୫. "ମହୀୟାନ୍ ଦେବତାରେ ଭଲା
ଜାଣିଥାନ୍ତି ମୁହିଁ କେଉଁପରି !"

୧୬. "ମୋ ଆଖିରେ ନୁହେଁ ଆତତାୟୀ
ଭଲ ପାଏ, ତାକୁ ଭଲ ପାଏ ।"

୧୭. "ବାତ୍ୟା ନିକି ଶାଳବୃକ୍ଷ କାହୁଁ
ପଦପ୍ରାନ୍ତେ ପିଟିଦେଲା ଆଣି ।"

## ଦୀର୍ଘ ଉତ୍ତରମୂଳକ :

୧୮. ବିଶ୍ୱାମିତ୍ରଙ୍କୁ 'ମହର୍ଷି' ସମ୍ବୋଧନ କରିବା ପାଇଁ ବଶିଷ୍ଠ ଏତେ ବିଳମ୍ବ କଲେ କାହିଁକି ?

୧୯. 'ବଶିଷ୍ଠ ଓ ବିଶ୍ୱାମିତ୍ର' କବିତାର ଶିକ୍ଷଣୀୟ କଥାଗୁଡ଼ିକୁ ବର୍ଣ୍ଣନ କର ।

୨୦. ପଠିତ କବିତା ଆଧାରରେ ବଶିଷ୍ଠଙ୍କ ଚରିତ୍ରର ମହନୀୟତା ବର୍ଣ୍ଣନ କର ।

୨୧. କ୍ଷମାର ମହତ୍ତ୍ୱ ସଂପର୍କରେ ଗୋଟିଏ ଅନୁଚ୍ଛେଦ ଲେଖ ।

୨୨. ତୁମେ ତୁମ ସାଙ୍ଗ ନିକଟରେ ଏକ ଭୁଲ କରିଦେଲ । ସେଥିପାଇଁ ଅନୁତାପ କରୁଛ ବୋଲି ଜଣାଇ ସାଙ୍ଗ ନିକଟକୁ ଏକ ପତ୍ର ଲେଖ ।

## ନିର୍ଦ୍ଦିଷ୍ଟ ଉତ୍ତରମୂଳକ :

୨୩. ପ୍ରଦତ୍ତ ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ଓ କେଉଁଟି ଭୁଲ୍ ଚିହ୍ନାଅ ।

(କ) ବିଶ୍ୱାମିତ୍ରଙ୍କ ଆଶ୍ରମକୁ ଯିବାଲାଗି ଅରୁନ୍ଧତୀଙ୍କ ଇଚ୍ଛା ନ ଥିଲା । (ଭୁଲ୍ / ଠିକ୍)

(ଖ) ବଶିଷ୍ଠଙ୍କ ମହାନତା ଦେଖି ବିଶ୍ୱାମିତ୍ର ଅନୁତାପ କରିଥିଲେ । (ଭୁଲ୍ / ଠିକ୍)

(ଗ) ଅରୁନ୍ଧତୀଙ୍କୁ ହତ୍ୟା କରିବା ପାଇଁ ବିଶ୍ୱାମିତ୍ରଙ୍କ ଅଭିଳାଷ ଥିଲା । (ଭୁଲ୍ / ଠିକ୍)

(ଘ) ବିଶ୍ୱାମିତ୍ରଙ୍କ ପ୍ରତି ବଶିଷ୍ଠଙ୍କ ଅନ୍ତରରେ ସ୍ନେହ ଥିଲା । (ଭୁଲ୍ / ଠିକ୍)

(ଙ) ଅନ୍ଧାର ଯୋଗୁଁ ଅରୁନ୍ଧତୀଙ୍କୁ ରନ୍ଧନ କରିବାରେ ଅସୁବିଧା ହେଉଥିଲା । (ଭୁଲ୍ /ଠିକ୍)

(ଚ) ଯେତେ ଅପରାଧ କରୁଥିଲେ ମଧ୍ୟ ବଶିଷ୍ଠ ବିଶ୍ୱାମିତ୍ରଙ୍କୁ କ୍ଷମା କରିଦେଉଥିଲେ । (ଭୁଲ୍ / ଠିକ୍)

(ଛ) ବଶିଷ୍ଠଙ୍କ ଆଶ୍ରମରେ ବିଶ୍ୱାମିତ୍ର ନିଆଁ ଲଗାଇ ଦେଇଥିଲେ । (ଭୁଲ୍ / ଠିକ୍)

୨୪. ଅସଂପର୍କିତ ଶବ୍ଦଟିକୁ ବାଛ ।

(କ) ମହାମତି, ମହାଭୀତି, ମହାସତୀ, ମହାଯତି

(ଖ) ମାଧବ, କେଶବ, ବାସବ, ପାଶବ

(ଗ) ଉତ୍ତରିଲେ, ସଞ୍ଚରିଲେ, ପଚାରିଲେ, ଉଚ୍ଚାରିଲେ ।

୨୫. 'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଯେଉଁ ଶବ୍ଦର ଉପଯୁକ୍ତ ସଂପର୍କ ରହିଛି ଯୋଡ଼ି ଲେଖ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ମଧୁମୟ | ଅଧର |
| ତିମିରିତ | ଜନନୀ |
| ସ୍ଫୁରିତ | ପ୍ରୟାସ |
| ଶୋକାତୁରା | ଲବଣ |
| ଉତ୍ତରଳ | ଅଶ୍ରୁ |
| ପାଶବ | ଘର |
| | ସୁର |

୨୬. 'ଅରୁନ୍ଧତୀ ନେତ୍ରୁ ଅଜାଣତେ ଶ୍ରାବଣର ବର୍ଷା ଗଲା ଝରି' ଏହି ପଂକ୍ତିରେ ଶ୍ରାବଣର ବର୍ଷା କେଉଁ ଅର୍ଥକୁ ସୂଚାଉଛି ?

(କ) ଶ୍ରାବଣ ମାସର ବର୍ଷା (ଖ) ଅରୁନ୍ଧତୀଙ୍କ ଅନୁତାପ

(ଗ) ଅରୁନ୍ଧତୀଙ୍କ ଦୁଃଖ (ଘ) ଅରୁନ୍ଧତୀଙ୍କ ଆନନ୍ଦ

୨୭. କବିତାଟିରେ ବିଶ୍ୱାମିତ୍ରଙ୍କୁ ଆତତାୟୀ କୁହାଯିବାର କାରଣ କ'ଣ ?

(କ) ବଶିଷ୍ଠଙ୍କ ଆଶ୍ରମରେ ବିଶ୍ୱାମିତ୍ର ନିଆଁ ଲଗାଇ ଦେଇଥିଲେ ।

(ଖ) ବିଶ୍ୱାମିତ୍ର ବଶିଷ୍ଠଙ୍କ ଭୂସଂପତ୍ତି ଜବରଦସ୍ତ ଦଖଲ କରିଥିଲେ ।

(ଗ) ବଶିଷ୍ଠଙ୍କ ପୁତ୍ରମାନଙ୍କୁ ବିଶ୍ୱାମିତ୍ର ହତ୍ୟା କରିଥିଲେ ।

(ଘ) ବିଶ୍ୱାମିତ୍ର ଅରୁନ୍ଧତୀଙ୍କୁ ଅପମାନିତ କରିଥିଲେ ।

୨୮. ନିମ୍ନଲିଖିତ ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ପଦଟିକୁ ଠିକ୍ ଭାବେ ଲେଖ ।

(କ) ବିଶ୍ୱାମିତ୍ର ଯାଇ ପାଶେ କିଞ୍ଚିତ୍ ଲବଣ ମାଗିଆଣ ଘରେ

(ଖ) କରବାଳ କରେ ଏ ଶାଣିତ ଜାଣି ମୁଁ ଆଜି ଆସିଥିଲି ଯେ

(ଗ) ଦେବତାରେ ଭଲା ମହୀୟାନ୍ କେଉଁପରି ମୁହିଁ ଜାଣିଥାନ୍ତି

୨୯. 'ପାଶବ-ପ୍ରୟାସ' କହିଲେ କେଉଁ ଅର୍ଥକୁ ବୁଝାଏ ?

(କ) ହତ୍ୟା କରିବା (ଖ) ପଶୁତୁଲ୍ୟ ଚେଷ୍ଟା

(ଗ) ଖଣ୍ଡାରେ ହାଣିବା (ଘ) ଚାଉଳ ଖିରି

୩୦. ଯେପରି ଉତ୍-ତରଳ = ଉତ୍ତରଳ ହୁଏ ସେପରି 'ଉତ୍' ବ୍ୟବହାର କରି ଆଉ ଏକ ଶବ୍ଦ ଲେଖ ।

**ତୁମପାଇଁ କାମ :**

୩୧. କବି ଅନନ୍ତ ପଟ୍ଟନାୟକଙ୍କ କାବ୍ୟ-କବିତା ସଂଗ୍ରହ କରି ପଢ଼ ।

୩୨. ପୁରାଣବର୍ଣ୍ଣିତ ଅନ୍ୟାନ୍ୟ ଶିକ୍ଷଣୀୟ ଆଖ୍ୟାୟିକାଗୁଡ଼ିକୁ ସଂଗ୍ରହ କରିବାପାଇଁ ଚେଷ୍ଟା କର ।

❖❖❖